Vol VIII Issue No.171 Thursday, 21 June 2007

Home | About Us | Advertise | Archives | Contact Us | Horoscope | Classifieds | Useful Information




previous || next

# ଆଇଆଇଟି ଓଡ଼ିଶାର ନ୍ୟାଯ୍ୟ ଦାବି

Click to enlarge text: A A A A

ବିମାନବନ୍ଦରଠାରେ ଏକ ଶୀତଳଭଣ୍ଡାର ପ୍ରତିଷ୍ଠା କରାଯିବ । ବିମାନବନ୍ଦରର ନିର୍ଦ୍ଦେଶକଙ୍କ ସହ ସେ ଗତକାଲି ଏ ବିଷୟରେ କଥାବାର୍ତ୍ତା କରିଛନ୍ତି । ଏଥିପାଇଁ ସ୍ଥାନ ଚିହ୍ନଟ ହୋଇସାରିଛି । ୩/୪ମାସ ମଧ୍ୟରେ ଏହି କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ଜୈବ ପ୍ରଣାଳୀରେ କନ୍ଧମାଳରେ ଚାଷ ହେଉଥିବା ଅଦା ଏବଂ ହଳଦୀର ରପ୍ତାନି ପାଇଁ ସେଠାରେ ଏକ ରପ୍ତାନି ପ୍ରକ୍ରିୟାକରଣ ଜୋନ୍ ସ୍ଥାପନ ହେବ । ଏଥିପାଇଁ କନ୍ଧମାଳରେ ସ୍ଥାନ ଚିହ୍ନଟ ସରିଛି । ସେହିପରି ଜୈବ ପ୍ରଣାଳୀରେ ହେଉଥିବା କଫିଚାଷ କୋରାପୁଟ, ରାୟଗଡା, କନ୍ଧମାଳ ଆଦି ଅଞ୍ଚଳରେ ହେବ । ଖୁବ୍‌ଶୀଘ୍ର କଫି ବୋର୍ଡ ଚେୟାରମ୍ୟାନଙ୍କୁ ଏଠାକୁ ପଠାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ । ଲାଖ ଏବଂ ଜଙ୍ଗଲଜାତ ଦ୍ରବ୍ୟର ରପ୍ତାନି ବୃଦ୍ଧି ପାଇଁ ପୁରୁଲିଆ, ଆଡିଲାବାଦ ଏବଂ ରାୟପୁର ଭଳି ମୟୂରଭଞ୍ଜରେ ଏକ ସେଫେକ୍ସିଲ୍ ପ୍ରତିଷ୍ଠା ହେବ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏଠାରେ ୩କୋଟି ଟଙ୍କା ନିବେଶ ହେବ । ରାଜ୍ୟର ଲକ୍ଷ ଲକ୍ଷ ଶ୍ରମିକ ଗୁଜରାଟର ସୁରଟ୍‌ରେ ରହି କାର୍ଯ୍ୟ କରୁଛନ୍ତି । ଏମାନଙ୍କ ମଧ୍ୟରୁ ସର୍ବାଧିକ ଗଞ୍ଜାମ ଜିଲାର ବାସିନ୍ଦା । ଏଥିପାଇଁ ଆଗାମୀ ଦିନରେ ଗଞ୍ଜାମରେ ଏକ ଜେମୋଲୋଜି (ମୂଲ୍ୟବାନ ପ୍ରସ୍ତର) ପ୍ରତିଷ୍ଠାନ ସ୍ଥାପନ କରାଯିବ । ଏହାଦ୍ୱାରା ଓଡ଼ିଶା ଲୋକଙ୍କୁ ଏଠାରେ ନିଯୁକ୍ତି ସୁଯୋଗ ମିଳିବା ସହିତ ବିଭିନ୍ନ ସାମଗ୍ରୀରେ ମୂଲ୍ୟ ଯୋଗ କରାଯାଇପାରିବ ବୋଲି ମନ୍ତ୍ରୀ କହିଥିଲେ । ପାର୍ଲାମେଂଟର ଆସନ୍ତା ମୌସୁମୀ ଅଧିବେଶନରେ ସରକାର ଶିଳ୍ପାୟନ ଯୋଗୁ ଦେଖାଦେଇଥିବା ବିସ୍ଥାପନ ସମସ୍ୟା ଓ ଥଇଥାନ ଲାଗି ୩ଟି ବିଲ୍ ଆଗତ କରିବେ । ସେଗୁଡିକ ମଧ୍ୟରେ ରହିଛି ନୂଆ ଥଇଥାନ ଏବଂ ପୁନର୍ବସତି ନୀତି ଏବଂ ଜମି ଅଧିଗ୍ରହଣ ସଂଶୋଧନ ଆଇନ ୧୮୯୪। ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଏହାର ଚିଠା ପ୍ରସ୍ତାବ କ୍ୟାବିନେଟ ନିକଟରେ ଦାଖଲ କରିସାରିଛି ।

previous || next



www.Starware.com/News Feedback - Ads by Google

©2004 Dharitri All Rights Reserved.
Send all feedback / comments to webmail@dharitri.com.
Advertisement inquiries contact advt@dharitri.com.